# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 January – 2026**

# ପ୍ରଭାତି ପରିଡ଼ା-ଲକ୍ଷପତି ଦିଦି

ଆସନ୍ତା ୨୦୨୭ସୁଦ୍ଧା ରାଜ୍ୟରେ ୫୦ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ୭ଦିନିଆ ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ମହୋତ୍ସବକୁ ଗତକାଲି ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି ନାରୀ ଅଦାଲତ ଏବଂ ସୁଭଦ୍ରା ଶକ୍ତିକେନ୍ଦ୍ର ଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତି ଗତିଶୀଳ ହୋଇଛି । ଓରମାସ, ମିଶନଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଟିଏଲ୍‌ସି ରୋଡ଼ ବିଡିଏ ପଡ଼ିଆରେ ଏହି ମେଳା ଅନୁଷ୍ଠିତ ହେଉଛି ।

# ନବସୃଜନ ପ୍ରତିଯୋଗିତା

ରାଜ୍ୟସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଛି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଗତ ୨ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୪ଟି ବିଶ୍ୱବିଦ୍ୟାଳୟର ୭୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ୧୦ଟି ଶ୍ରେଷ୍ଠ ଷ୍ଟାଟ୍‌ଅପ୍ ପ୍ରକଳ୍ପକୁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଛନ୍ତି ।

## ପ୍ରଶିକ୍ଷଣ ଶିବିର

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ଲକ୍ଷ୍ୟନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଓଡ଼ିଆ ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଗତ ୨ ଦିନ ଧରି ଆୟୋଜିତ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସରକାରଙ୍କ ୨୩ଟି ବିଭାଗର ୨୨୦ରୁ ଅଧିକ ଅଧିକାରୀ ଯୋଗ ଦେଇଥିଲେ ।

## ଶିକ୍ଷାମନ୍ତ୍ରୀ-ସହାୟତା ରାଶି ପ୍ରଦାନ

ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହେବା ପରେ ଉଚ୍ଚଶିକ୍ଷାରେ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ଏବଂ ଉଚ୍ଚକୋଟୀର ଗବେଷଣା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧାପକଙ୍କୁ ଗବେଷଣା କାର୍ଯ୍ୟ ପାଇଁ ଗତକାଲି ଆର୍ଥିକ ସହାୟତା ରାଶି ପ୍ରଦାନ ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଓ ଇନୋଭେସନ ଫେଲୋସିପ୍ ମାଧମରେ ୧୦ଜଣ ମନୋନୀତ ଅଧାପକଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ସହାୟତା ରାଶି ପ୍ରଦାନ କରିଛନ୍ତି ।

## ହୀରାକୁଦ-ପକ୍ଷୀ ଗଣନା

ହୀରାକୁଦ ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ହୀରାକୁଦ ବନ୍ୟାପ୍ରାଣୀ ଡିଭିଜନ ପକ୍ଷରୁ ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଗଣନା କାର୍ଯ୍ୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ଜଳଭଣ୍ଡାରର ୫୩୩ ବର୍ଗ କିଲୋମିଟର ଅଞ୍ଚଳରେ ପକ୍ଷୀଗଣନା ପାଇଁ

ମୋଟ୍ ୩୨ଟି ଦଳ ଗଠନ କରାଯାଇଛି । ଗତବର୍ଷ ହୀରାକୁଦକୁ ୧୨୨ ପ୍ରଜାତିର ୩ଲକ୍ଷ ୭୭ହଜାର ୭୩୨ ପକ୍ଷୀ ଆସିଥିଲେ ।

## କୃଷି ଓଡ଼ିଶା ସମ୍ମିଳନୀ

କୃଷି ଓଡ଼ିଶା ୨୦୨୬ ସମ୍ମିଳନୀ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ବିଜୁପଟ୍ଟନାୟକ ଖେଳପଡ଼ିଆଠାରେ ଅନୁଷ୍ଠିତ ହେବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀର ଚଳିତବର୍ଷର ବିଷୟବସ୍ତୁ ରହିଛି ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି । ଏହାର ପ୍ରସ୍ତୁତି ନେଇ ଗତକାଲି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ପ୍ରକଳ୍ପ ଶିଳାନ୍ୟାସ

ଭଦ୍ରକ ଜିଲ୍ଲା ଆଖୁଆପଦା ଜଳସମ୍ପଦ ଡିଭିଜନର କେନାଲ ନବୀକରଣ ଲକ୍ଷ୍ୟ ନେଇ ୨ଟି ପ୍ରକଳ୍ପର ଗତକାଲି ଶିଳାନ୍ୟାସ ହୋଇଛି । ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସଞ୍ଜୀବ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରକଳ୍ପ ପାଇଁ ୪ କୋଟି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପଞ୍ଚସଖା ଶିକ୍ଷାସେତୁ ସଂଗଠନ-ବୈଠକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ପଞ୍ଚସଖା ଶିକ୍ଷାସେତୁ ସଂଗଠନର ତୃତୀୟ

କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୨ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ବିକାଶମୂଳକ କାର୍ଯ୍ୟ ପାଇଁ ୧୨କୋଟି ୬୨ଲକ୍ଷ ୪୮ହଜାର ୩୭୩ଟଙ୍କା ବ୍ୟୟ ଅଟକଳରେ ୮୬୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ସାମୁହିକ ଔଷଧ ସେବନ ଅଭିଯାନ

୨୦୨୭ ସୁଦ୍ଧା ରାଜ୍ୟରୁ ଲିମ୍ଫାଟିକ୍ ଫାଇଲେରିଆସିସ୍ ନିରାକରଣ ଲକ୍ଷ୍ୟନେଇ ଆସନ୍ତା ମାସ ୧୦ତାରିଖରୁ ସାମୁହିକ ଔଷଧ ସେବନ ଅଭିଯାନ ଆରମ୍ଭ ହେବ । ରାଜ୍ୟର ୫ଟି ଜିଲ୍ଲାର ୬ଟି ବ୍ଲକ ତଥା ସହରାଞ୍ଚଳରେ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିସନର ତଥା ଶାସନ ସଚିବ ଅଶ୍ୱସ୍ତି ଏସ୍ଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଉଚ୍ଚସ୍ତରୀୟ ରାଜ୍ୟ ସମନ୍ୱୟ କମିଟି ବୈଠକରେ ନିଷ୍ପତ୍ତି ହୋଇଛି ।

## ହକି

ରାଜ୍ୟରେ ହକି ଏକ ବିଶେଷ ସ୍ଥାନ ଅଧିକାର କରିଛି ଏବଂ ନିରନ୍ତର ସମର୍ଥନ ଦ୍ୱାରା ଏହା ଅଗ୍ରସର ହୋଇପାରିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । କଳିଙ୍ଗ ଷ୍ଟାଡିୟମଠାରେ ହକି ଇଣ୍ଡିଆ ଲିଗ୍-୨୦୨୬ର ଭୁବନେଶ୍ୱର ପର୍ଯ୍ୟାୟ ଗତକାଲି ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏଭଳି ପ୍ରତିଯୋଗିତା ରାଜ୍ୟ ଯୁବ ଖେଳାଳିଙ୍କୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ପ୍ରେରଣା ଯୋଗାଇବ ବୋଲି

କହିଛନ୍ତି । ଉଦ୍‌ଘାଟନୀ ମ୍ୟାଚରେ କଳିଙ୍ଗ ଲାନ୍ସର୍ସ ୬-୧ ଗୋଲ୍‌ରେ ଦିଲ୍ଲୀ ଏସ୍‌ଜିପାଇପର୍ସଙ୍କୁ ପରାସ୍ତ କରିଛି ।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା

ନୂଆପଡା ଇନ୍‌ଡୋର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ମିଳିତ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଗତକାଲିଠାରୁ ଆରମ୍ଭ ହୋଇଛି । ବୋଡେନ, ନୂଆପଡା, ସିନାପାଲି, କୋମନା ଏବଂ ଖଡିଆଳ ଅଞ୍ଚଳର ବହୁ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି ।

## ମାଘମେଳା

ସୁବର୍ଣ୍ଣପୁର ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇ ସମାଧିପୀଠରେ ଆସନ୍ତା ୨୯ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ୫ଦିନିଅ ମାଘମେଳା ଅନୁଷ୍ଠିତ ହେବ । ଏହାର ପ୍ରସ୍ତୁତି ନେଇ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହେବା ସହ ମେଳାର କାର୍ଯ୍ୟନିର୍ଘଣ୍ଟ ନେଇ ଆଲୋଚନା ହୋଇଛି ।

## ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ଆଜିଠାରୁ ରାଜ୍ୟର ଝାରସୁଗୁଡା ଏବଂ କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ କହିଛି । ଗତ ୨୪ଘଣ୍ଟା ମଧ୍ୟରେ ଜି.

ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।